Chapter- 9

# ଦେଶପ୍ରେମୀ କଏଦୀ

**STUDY NOTES**

## MIND MAP



ଆଣ୍ଡାମାନରୁ ମୁକ୍ତହେବା ପରେ ସଭରକର୍ ସ୍ୱଦେଶକୁ ଫେରିଥିଲେ । ତଥାପି ସଭରକରଙ୍କ ପ୍ରତି ଇଂରେଜମାନଙ୍କର ଖୁବ୍ ଭୟ ଥାଏ । ତେଣୁ ତାଙ୍କୁ ପୁନର୍ବାର ବନ୍ଦୀ କରାଯାଇ ବଙ୍ଗପ୍ରଦେଶର ଅଲିପୁର ଜେଲ୍‌କୁ ପଠାଇ ନଜରବନ୍ଦୀ ଭାବେ ରଖାଗଲା । ଏହାର ଷୋଳବର୍ଷ ପରେ ତାଙ୍କୁ ମୁକ୍ତ କରିଦିଆଗଲା । ବାର୍ଦ୍ଧକ୍ୟ ହେତୁ ସଭରକର୍ କ୍ଳାନ୍ତ ଓ ଅବସନ୍ନ ହୋଇପଡିଥିବେ ବୋଲି ଇଂରେଜ ସରକାର ଭାବିଥିଲେ । ମାତ୍ର ଏହି ଧାରଣାକୁ ଭୁଲ୍ ପ୍ରମାଣିତ କରି ସଭରକର୍ ଦେଶସାରା ଭ୍ରମଣ କଲେ ଓ ସଶସ୍ତ୍ର ସଂଗ୍ରାମ ପାଇଁ ଲୋକମାନଙ୍କୁ ଆହ୍ୱାନ ଦେଲେ । ତେଣୁ ଇଂରେଜ ସରକାର ତାଙ୍କୁ ଆଉଥରେ ବନ୍ଦୀ କଲେ । ତେଣୁ ତାଙ୍କୁ ଶେଷ ଜୀବନରେ ଆଉ ଥରେ କାରାବରଣ କରିବାକୁ ପଡିଥିଲା ।

ସଭରକର୍ ଆବାଲ୍ୟରୁ ଦେଶପ୍ରେମୀ ଥିଲେ । କଲେଜରେ ପଢୁଥିବା ବେଳେ ମାତ୍ର ଅଠରବର୍ଷ ବୟସରେ ସେ 'ମିତ୍ରମେଳା' ନାମକ ଏକ ବିପ୍ଳବୀ ଦଳ ଗଢିଥିଲେ । ୧୯୦୧ ମସିହାରେ ଯେତେବେଳେ ବିଲାତର ରାଣୀ ଭିକ୍ଟୋରିଆଙ୍କ ମୃତ୍ୟୁ ହେଲା, ସେତେବେଳେ ଭାରତରେ ସର୍ବତ୍ର ଶୋକ ପାଳନ କରାଗଲା; ମାତ୍ର ମିତ୍ରମେଳାର ସଦସ୍ୟମାନେ ଶୋକଦିବସ ପାଳିଲେ ନାହିଁ । ସଭରକର୍ ଏକ ବୈଠକ ଡାକି ସେଥିରେ ଓଜସ୍ୱିନୀ ଭାଷଣ ଦେଲେ । ସେ କହିଲେ ଯେ ଭିକ୍ଟୋରିଆ ଆମ ଶତ୍ରୁ ଦେଶର ରାଣୀ ହୋଇଥିବାରୁ ତାଙ୍କ ବିୟୋଗରେ ଆମର ଶୋକ ପାଳିବା ଆବଶ୍ୟକ ନାହିଁ । ତାଙ୍କ ଭାଷଣ ସମ୍ବାଦପତ୍ରଗୁଡିକରେ ପ୍ରକାଶିତ ହେଲା । ସରକାର କ୍ଷୁବ୍ଧ ହୋଇ ତାଙ୍କୁ କଲେଜରୁ ବହିଷ୍କାର କଲେ । ସେତେବେଳେ ଦେଶର ବିଶିଷ୍ଟ ନେତା ବାଳ ଗଙ୍ଗାଧର ତିଳକ ଏହି ସମ୍ବାଦ ପଢିଥିଲେ । ତାଙ୍କ ଦେଶପ୍ରୀତି ଓ ସାହସିକତା ବିଷୟରେ ପଢି ତାଙ୍କ ପାଟିରୁ ସ୍ୱତଃ ବାହାରି ପଡିଥିଲା – "ମହାରାଷ୍ଟ୍ରରେ କ'ଣ ଶିବାଜୀ ପୁନର୍ଜନ୍ମ ଗ୍ରହଣ କଲେ ।"

ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଦିଅ ।

କ) 'ସାୟାହ୍ନ' ର ଅର୍ଥ – ରାତ୍ରିକାଳ / ସନ୍ଧ୍ୟାକାଳ / ସକାଳ

ଉ – ସନ୍ଧ୍ୟାକାଳ

ଖ) ବନାନ ଠିକ୍ କରି ଲେଖ ।

୧ -ଓଜସ୍ୱିନୀ – ଓଜସ୍ୱିନୀ

୨ -ବହିସ୍କୃତ – ବହିଷ୍କୃତ

ଗ) ଘନ ସବୁଜ ବିସ୍ତୃତ ଅରଣ୍ୟରେ ଏହା ଆଛନ୍ନ । ଏହି ବାକ୍ୟରେ 'ବନାନୀ' ବ୍ୟବହାର କରି ବାକ୍ୟଟି ଆଉଥରେ ଲେଖ ।

ଉ- ଘନ ସବୁଜ ବନାନୀରେ ଏହା ଆଛନ୍ନ ।

ଘ) ବିପରୀତ ଶବ୍ଦ ଲେଖ ।

୧ -ଜନାକୀର୍ଣ୍ଣ – ଜନବିରଳ

୨ -ମିତ୍ର – ଶତ୍ରୁ

୩-ବୀର – ଭୀରୁ

୪ -ନିଶ୍ଚଳ – ଚଞ୍ଚଳ

୫-ଆତ୍ମଗୋପନ - ଆତ୍ମପ୍ରକାଶ

୬-ଅନୁଜ - ଅଗ୍ରଜ

୭-ତ୍ୟାଗ – ଭୋଗ

୮-ପିଞ୍ଜରାବଦ୍ଧ - ପିଞ୍ଜରାମୁକ୍ତ

ଙ) ଲମ୍ଫ ପ୍ରଦାନର ଅର୍ଥ – ଡେଇଁବା / କୁଦା ମାରିବା / ଦୌଡିବା

ଉ- କୁଦା ମାରିବା